# ସଙ୍ଗୀତ ବିଦ୍ୟା


"गीतं, वाद्यं तथा नृत्यं
त्रयं संगीतमुच्यते । "

ଗୀତମ୍ ବଦ୍ୟାମ୍ ତଥା ନୃତ୍ୟମ୍

ତ୍ରୟମ୍ ସଙ୍ଗୀତ ମୁଚ୍ୟତେ

ଅର୍ଥତ୍
ଏକ ଗୀତ, ବାଦ୍ୟଯନ୍ତ୍ର ଏବଂ ନୃତ୍ୟର ବୈଶିଷ୍ଟ୍ୟ ପରସ୍ପରର ପରିପୂରକ, କାରଣ ସେମାନେ ଗଭୀର ଭାବରେ ପରସ୍ପର ସହିତ ଜଡ଼ିତ ଏକ କଳା ରୂପ ଅଟନ୍ତି । ତେଣୁ ଏମାନେ ସମସ୍ତେ ସଙ୍ଗୀତର ଛତ୍ରଛାୟା ତଳେ ରହନ୍ତି ।

ଉତ୍ସ : ସଙ୍ଗୀତ ରତ୍ନାକର,
ଶ୍ଳୋକ ୨୧, ସ୍ୱର୍ଗତ ଅଧ୍ୟାୟ




© NCERT not to be republished

## ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ

ସଙ୍ଗୀତ ରେ ସହାନୁଭୂତି ଜାଗ୍ରତ କରିବା, ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଆତ୍ମ-ଅଭିବ୍ୟକ୍ତିକୁ ସୁଗମ କରିବାର ଅଦ୍ଭୁତ କ୍ଷମତା ରହିଛି । ଏହି ପୁସ୍ତକର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତର ମାହାତ୍ମ୍ୟ ଏବଂ ମୌଳିକ କୌଶଳ ଶିଖିବା ପାଇଁ ପ୍ରେରିତ କରିବା । ପୁସ୍ତକରୁ ନିର୍ଦ୍ଦିଷ୍ଟ ଗୀତ ଏବଂ କାର୍ଯ୍ୟକଳାପ ପରିଚୟ ଦେବା ଆକର୍ଷଣୀୟ ହେବ ଯାହା ଆମ ଛାତ୍ରଛାତ୍ରୀମାନଙ୍କୁ କେବଳ ନିର୍ଦ୍ଦିଷ୍ଟ ଫଳାଫଳ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ଏବଂ ପ୍ରକ୍ରିୟାକୁ ଉପଭୋଗ କରିବାକୁ ଉତ୍ସାହିତ କରିବ, ବିଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ।

1. ଘରେ ଅଭ୍ୟାସ କଲେ ଗୀତ ଗାଇବା, ବାଦ୍ୟଯନ୍ତ୍ର ବଜାଇବା, ଶୁଣିବା, ନୂତନ ଧୂନ୍ ସୃଷ୍ଟି କରିବା ଇତ୍ୟାଦି କୌଶଳ ସୃଷ୍ଟି ହୋଇଥାଏ । ଏହା ଛାତ୍ରମାନଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହା କରିବାକୁ ଉତ୍ସାହିତ କରେ ।
2. ପ୍ରଦର୍ଶନ ପାଇଁ ଛାତ୍ରମାନଙ୍କୁ ବଭିନ୍ନ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ନେବା ଉପରେ ବିଚାର କରନ୍ତୁ ।
3. ଆପଣଙ୍କ ବିଦ୍ୟାଳୟକୁ ଜଣେ ସଙ୍ଗୀତଜ୍ଞଙ୍କୁ ନିମନ୍ତ୍ରଣ କରନ୍ତୁ । ପିଲାମାନଙ୍କୁ ପ୍ରଶ୍ନ ପଚାରିବାକୁ ଏବଂ କଳାକାରଙ୍କ ସହ ବାର୍ତ୍ତାଳାପ କରିବାକୁ ଉତ୍ସାହିତ କରନ୍ତୁ ।
4. ଶିକ୍ଷାର୍ଥୀମାନେ ଘରେ, ଧାର୍ମିକ ଏବଂ ସାଂସ୍କୃତିକ ଉତ୍ସବ ସମୟରେ ଶୁଣିଥିବା ଗୀତ ଗାଇବାକୁ ଭଲ ପାଆନ୍ତି । ପିଲାମାନଙ୍କୁ ଶ୍ରେଣୀଗୃହରେ ସେହି ଗୀତ ଗାଇବାକୁ ଉତ୍ସାହିତ କରନ୍ତୁ ଯାହାକୁ ସେମାନେ ଘରେ ଶିଖିଥାନ୍ତି ।
5. ଦୈନନ୍ଦିନ ଜୀବନରେ ସଙ୍ଗୀତର ବିଭିନ୍ନ ଶୈଳୀ ଅନୁଭବ କରିବା ପାଇଁ ଅନେକ ସୁଯୋଗ ଅଛି । ଯଥା - ବିଦ୍ୟାଳୟରେ ଘଣ୍ଟି ବଜାଇବା ପରିବର୍ତ୍ତେ ବାଦ୍ୟଯନ୍ତ୍ର ବଜାଇବାକୁ ଚିନ୍ତା କରନ୍ତୁ ଯାହା ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ।
6. ଏହି ବିଭାଗରେ ଅନେକ କାର୍ଯ୍ୟକଳାପ ଦିଆଯାଇଛି । ଭିନ୍ନତା ପାଇଁ ଆପଣ ଏହି କାର୍ଯ୍ୟକଳାପଗୁଡ଼ିକ ଯୋଡ଼ିପାରିବେ ।
7. ପୁସ୍ତକର ଅଧିକାଂଶ ଗୀତ ଏବଂ କାର୍ଯ୍ୟକଳାପରେ ଏକ ଅଡିଓ କିମ୍ବା ଭିଡିଓ ଉତ୍ସ ଅନ୍ତର୍ଭୁକ୍ତ ଯାହା ପାଠ୍ୟପୁସ୍ତକରେ ଦିଆଯାଇଥିବା QR କୋଡ୍ ସ୍କାନ୍ କରି ଆକସେସ୍ କରାଯାଇପାରିବ ।

ଏହି ସଙ୍ଗୀତ ପାଠ୍ୟକ୍ରମ ଚାହୁଁଛି ଯେ ଆପଣ ଏବଂ ଛାତ୍ରଛାତ୍ରୀମାନେ ସଙ୍ଗୀତ ନିର୍ମାଣର ଯାତ୍ରାକୁ ଭଲ ଭାବରେ ଉପଭୋଗ କରନ୍ତୁ । ଆମେ ଛାତ୍ର ମଧ୍ୟରେ ସଙ୍ଗୀତ ପ୍ରତି ଆଜୀବନ ଭଲପାଇବା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଶ୍ରେଣୀଗୃହ ବାହାରେ ଏକ ଗଭୀର ପ୍ରଶଂସା ସୃଷ୍ଟି କରିବ ।

### ଶ୍ରେଣୀଗୃହ ପାଇଁ ଉତ୍ସ

1. ଶ୍ରେଣୀଗୃହ ଏପରି ଏକ ସ୍ଥାନ ହେବା ଉଚିତ ଯେଉଁଠାରେ ସଙ୍ଗୀତ ଶିକ୍ଷା ଆନନ୍ଦମୟ ଏବଂ ଶାନ୍ତିପୂର୍ଣ୍ଣ । ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ଆରାମରେ ବସି ଏକାଠି ଗୀତ ଗାଇପାରିବେ । ସଙ୍ଗୀତ ଗାନ ପାଇଁ ଚଟାଣରେ ବସିବା ହେଉଛି ସର୍ବୋତ୍ତମ ବ୍ୟବସ୍ଥା। ଏହା ପିଲାମାନଙ୍କୁ ଯୋଗ ପରି ଉତ୍ତମ ମୁଦ୍ରା ଏବଂ ଉପଯୁକ୍ତ ଶ୍ୱାସକ୍ରିୟା ବିଷୟରେ ଶିଖିବାରେ ସାହାଯ୍ୟ କରେ । ଗୀତର ବିଷୟବସ୍ତୁକୁ ଆଧାର କରି ଶିକ୍ଷକମାନେ ବସିବାର ଶୈଳୀକୁ ପରିବର୍ତ୍ତନ କରିପାରିବେ । ଏହା ଶ୍ରେଣୀକୁ ଅଧିକ ଆକର୍ଷଣୀୟ ଓ ସୃଜନଶୀଳ କରିଥାଏ, ଏବଂ ଛାତ୍ରଛାତ୍ରୀମାନଙ୍କର ଆଶୁ ରଚନା ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ ।
2. ଇଣ୍ଟରନେଟ୍ ସଂଯୋଜନା ଥିବା କମ୍ପ୍ୟୁଟର, ତନପୁରା ପାଇଁ ଆପ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ଏବଂ ଅଡିଓ ସମ୍ବଳ ଚାଳନ ପାଇଁ ସ୍ପିକର୍ ।
3. ଶ୍ରେଣୀରେ ସରଳ ଉପକରଣ ତିଆରି କରିବା ପାଇଁ ସାମଗ୍ରୀର ବ୍ୟବସ୍ଥା ।
4. ବିଦ୍ୟାଳୟରେ ପ୍ରଦର୍ଶନ ପାଇଁ ମାଇକ୍ରୋଫୋନ୍ ଏବଂ ସାଉଣ୍ଡ ସିଷ୍ଟମ୍ ର ବ୍ୟବସ୍ଥା।
5. ହାର୍ମୋନିୟମ ଭଳି ସରଳ ଉପକରଣର ବ୍ୟବସ୍ଥା ଯେପରିକି ଢୋଲକ, ମଞ୍ଜିରା, ଶେକର୍, ତାମ୍ବୁରାଇନ୍, ମାଉଥ୍ ଅରଗାନ୍ ବା ସପ୍ତସ୍ୱରୀ, ଇଲେକ୍ଟ୍ରୋନିକ୍ ତନପୁରା ଏବଂ ତବଲା।
6. ଭାରତର ଏକ ମାନଚିତ୍ର ଛାତ୍ରଛାତ୍ରୀମାନଙ୍କୁ ସେହି ରାଜ୍ୟଗୁଡ଼ିକର ସ୍ଥାନଗୁଡିକ ଦେଖାଇବା ପାଇଁ ଉପଯୋଗୀ ହେବ ଯେଉଁଠାରୁ ବିଭିନ୍ନ ଭାଷାରେ ବିଭିନ୍ନ ରଚନା ସୃଷ୍ଟି ହୁଏ ଏବଂ ନିୟମିତ ଅଭ୍ୟାସ କରାଯାଏ ।

© NCERT not to be republished



୬ଷ୍ଠ ଅଧ୍ୟାୟ

# ସଙ୍ଗୀତ ଏବଂ ତୁମ ଭାବନା

0680CH06

ଉଦ୍ଦେଶ୍ୟ : ସଙ୍ଗୀତର କୈଣସି ଏକ ଅଂଶ ଶୁଣିବା ଦ୍ୱାରା ତାହା ଆମ ମନୋଭାବକୁ କିପରି ପ୍ରଭାବିତ କରେ ତାହା ବୁଝିବା ଏବଂ ସଙ୍ଗୀତ ମାଧ୍ୟମରେ ଆମ ଚିନ୍ତାଧାରା ଏବଂ ଭାବନାକୁ ପ୍ରକାଶ କରିବା ଶିଖିବା ।

**ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ**

ଏଠାରେ ଦିଆଯାଇଥିବା ମାଲାୟାଲମ୍ ଗୀତ ଛାତ୍ରମାନଙ୍କୁ ବୁଝିବା ପାଇଁ ଏକ ଉଦାହରଣ ଯେ ସଙ୍ଗୀତ ବାଦ୍ୟ ଏବଂ ତାଳ ମାଧ୍ୟମରେ ଭାବନାକୁ ପ୍ରକାଶ କରିପାରେ, ଯଦିଓ ଲିରିକ୍ସ ଏପରି ଭାଷାରେ ଅଛି ଯାହା ଛାତ୍ରମାନେ ବୁଝି ପାରିବେ ନାହିଁ । ଏହି କଥାକୁ ବର୍ଣ୍ଣନା କରିବା ପାଇଁ ଆପଣ ଛାତ୍ରଛାତ୍ରୀଙ୍କ ପାଇଁ ଅପରିଚିତ ଭାଷାରେ ଯେକୌଣସି ଏକ ଗୀତ ବଜାଇପାରିବେ ।

## କାର୍ଯ୍ୟକଳାପ ୧: ଗୀତଟିଏ ଶୁଣ

ଭାଷା: ମାଲାୟାଲାମ

କୁଟ୍ଟାନାଡ଼ନ୍ ପୁଞ୍ଚୟିଲେ
କୋଚ୍ଚୁ ପେନ୍ନେ କୁୟିଲାଳେ
କୋଚ୍ଚୁ ୱେଣମ୍ କୁଳଲ୍ ୱେଣମ୍, କୁରୱା ୱେଣମ୍
କୁଟ୍ଟାନାଡ଼ନ୍ ପୁଞ୍ଚୟିଲେ, ତିଥୈ ତାକ ତେଇତେଇ ଥୋମ୍
କୋଚ୍ଚୁ ପେନ୍ନେ କୁୟିଲଲେ, ତିଥି ତାରା ତେଇ ଥୋମ୍



କୋଚ୍ଚୁ ୱେଣମ୍ କଳଲ୍ ୱେଣମ୍, କୁରୱା ୱେଣମ୍
(ଓ ... ତିତିତରା ତିତିଥୈ ତିଥୈ ତାକ ଥୈ ଥୋମ୍ ) × 4
ଓରେୱେଲ୍ କାନାରୁ ୱେଣମ୍ କୋଡ଼ି
ଥୋରାନଙ୍ଗଲ୍ ୱେଣମ୍
ବିଜୟଶ୍ରୀ ଲାଳି ତରାୟି ଓରୁନ୍ନୁ ନ୍ୟାଙ୍ଗଲ୍
(ଓ ... ତିତିତରା ତିତିଥୈ ତିଥୈ ତାକ ଥୈ ଥୋମ୍ ) × 4
କରୁତା ଚିରକୁ ୱଚ୍ଚୁ ତିଥୈ ତାକ ଥୈ ଥୈ ଥୋମ୍
ଆରୟନ୍ନା କିଳିପୋଲେ ତିତିତାରା ଥୈ ଥୋମ୍
କରୁତା ଚିରକୁ ୱେଚୋର୍ ଆରୟନ୍ନା କିଳିପୋଲେ
କୁତିଚ୍ଚୁ କୁତିଚ୍ଚୁ ପୟୁମ୍ କୁତିର ପୋଲେ
(ଓ ... ତିତିତରା ତିତିଥୈ ତିଥୈ ତାକ ଥୈ ଥୋମ୍ ) × 4

© NCERT not to be republished

- ବଜାଯାଇଥିବା ଗୀତ ସହିତ ତୁମେ କୌଣସି ଭାବନାକୁ ଯୋଡିଛ ?
- ତୁମ ପାଖରେ ଏମିତି କୌଣସି ଗୀତ ଅଛି କି ଯାହା ମଧୁର ସ୍ମୃତିକୁ ଫେରାଇ ଆଣିଥାଏ ? ଗୀତଟିକୁ ଗାଅ ।
- ଏପରିକି ଯଦି ତୁମର ଗୀତର ଶବ୍ଦ ମନେ ନାହିଁ ତେବେ ତୁମେ ହୁଁ ହୁଁ ରେ ଗାଇ ପାରିବ କି ?

## କାର୍ଯ୍ୟକଳାପ ୨: ସଙ୍ଗୀତ ଏବଂ ଆମ ସ୍ମୃତି

ସଙ୍ଗୀତରେ ଆମର ଚିନ୍ତାଧାରା ଏବଂ ଭାବନାକୁ ପ୍ରଭାବିତ କରିବାର ଶକ୍ତି ଅଛି । ସଙ୍ଗୀତ ଶୁଣିବା ଏବଂ ରଚନା କରିବା ଆମକୁ ଆନନ୍ଦ ଦେଇଥାଏ ।

ଏକ ଗୀତ ଅତୀତର ଘଟଣା ଏବଂ ସେଥିରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କର ସ୍ମୃତିକୁ ସଜୀବ କରିପାରେ । ଏହାକୁ ସଙ୍ଗୀତ ସ୍ମୃତି ବୋଲି କୁହାଯାଏ !

### ଗୀତଗୁଡିକୁ ଗାନ କର

ବିଜ୍ଞାପନ ସହିତ ବଜାଯାଉଥିବା ବିଭିନ୍ନ ପ୍ରକାରର ସଙ୍ଗୀତ ଶୁଣ ଏବଂ ଏହି ପୁସ୍ତକରେ କିମ୍ବା ତୁମ କମ୍ପ୍ୟୁଟରରେ ଏକ ପ୍ଲେଲିଷ୍ଟ ପ୍ରସ୍ତୁତ କରନ୍ତୁ ।

ତୁମ ପିତାମାତା ଏବଂ ଜେଜେବାପାଙ୍କୁ ସେମାନଙ୍କ ପିଲାଦିନର ପ୍ରିୟ ଗୀତ ବିଷୟରେ ପଚାର । ସେମାନେ ଏହି ଗୀତଗୁଡ଼ିକୁ କେଉଁ ସ୍ମୃତି ସହିତ ଯୋଡ଼ିନ୍ତି ?

ନିମ୍ନ ବକ୍ସଗୁଡିକରେ କୌଣସି ଜିଙ୍ଗଲ କିମ୍ବା ଗୀତ ଲେଖ ଯାହାକୁ ତୁମେ ମନେ ରଖିପାରିବ ।

ଏକ ମହୋତ୍ସବର ଗୀତ . . .

____________________
____________________
____________________
____________________

____________________
____________________
____________________
____________________

____________________
____________________
____________________
____________________

© NCERT not to be republished

## କାର୍ଯ୍ୟକଳାପ ୩ : ଶୁଣିବା ଏବଂ ଅନୁଭବ କରିବା

ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଆମେ ବିଭିନ୍ନ ପ୍ରକାର ସଙ୍ଗୀତରେ ଘେରି ରହିଥାଉ । ବିଭିନ୍ନ ପ୍ରକାରର ସଙ୍ଗୀତ ଶବ୍ଦ ଶୁଣିବା ସମୟର ତୁମ ଭାବନାକୁ ବିଚାର କର । ଶେହେନାଇ, ନାଦଶ୍ୱର, ଢୋଲ, ଡମ୍ବୁରୁ, ଇଡ଼ାଇକା କିମ୍ବା ଏକ ସୁମଧୁର ଧୁନ୍ କୁ ମନେ ପକାଅ - ତୁମେ ଏହି ସ୍ୱର ଶୁଣିବା ସମୟରେ କ'ଣ ଅନୁଭବ କରୁଛ ? ଏସବୁ ତୁମକୁ ଖୁସି କରିବା ସହିତ ନାଚିବାକୁ ପ୍ରେରଣା ଦେଉଛନ୍ତି କିମ୍ବା ଶାନ୍ତିର ଭାବନା ସୃଷ୍ଟି କରୁଛନ୍ତି ଯାହାକୁ ତୁମେ ନୀରବରେ ଉପଭୋଗ କରିବାକୁ ଚାହଁ କିମ୍ବା ଏହା ତୁମକୁ ଗୀତ ଗାଇବାକୁ ବାଧ୍ୟ କରୁଛି କି? ଏହିପରି ସୁମଧୁର ସ୍ୱର ଶୁଣିବା ସମୟରେ ଜୀବନର ଅନେକ ଅନୁଭବ ସ୍ମୃତିପଟରେ ଭାସି ଉଠେ ଏହାକୁ ଭାବନା କୁହାଯାଏ । ଭାବନା ଏହା ସମସ୍ତ ମନୁଷ୍ୟମଧ୍ୟରେ ଅନ୍ତର୍ନିହିତ ଏକ ପ୍ରାକୃତିକ ଗୁଣ । ଆସ କିଛି ବାଦ୍ୟ ସଙ୍ଗୀତ ଶୁଣି ଏହାକୁ ଅନୁଭବ କରିବା ! ମ୍ୟୁଜିକାଲ୍ ପିସ୍ ଶୁଣିବା ସମୟରେ ତୁମେ କ'ଣ ଅନୁଭବ କଲ ? ନିଜର ଭାବନାକୁ ଲେଖ ।

1. ______________________________
2. ______________________________
3. ______________________________



ବେହେଲା ବା ଭାୟୋଲିନ୍

ଏବେ ଶୁଣିଥିବା ସମସ୍ତ ସ୍ୱରକୁ ବେହେଲା ବ୍ୟବହାର କରି ବଜାଯାଉଥିଲା ।


ସୁଖ, ଦୁଃଖ, ଉଗ୍ରତା ଏବଂ କୋମଳତା ଭଳି ବିଭିନ୍ନ ଭାବନା ଏବଂ ଗତିଶୀଳତାକୁ ତୁମ ସ୍ୱର ଯେପରି ଭାବେ ପ୍ରକାଶ କରିପାରେ ସେହିଭଳି ଏକ ବାଦ୍ୟଯନ୍ତ୍ର ବିଭିନ୍ନ ଶବ୍ଦ ମାଧ୍ୟମରେ ବିଭିନ୍ନ ଭାବନାକୁ ଜାଗ୍ରତ କରିବାର କ୍ଷମତା ରଖିଥାଏ ।

ତୁମେ ବେହେଲାର ଶବ୍ଦ ଶୁଣିଛନ୍ତି । ବର୍ତ୍ତମାନ, ଆମ ଦେଶରେ ଲୋକପ୍ରିୟ ଭାବରେ ବଜାଯାଉଥିବା ଅନ୍ୟ ବାଦ୍ୟଯନ୍ତ୍ର ଶୁଣିବାକୁ ଚେଷ୍ଟା କର । ଯେପରିକି ବଂଶୀ, ସିତାର, ଶେହନାଇ, ତବଲା ଇତ୍ୟାଦି ଏବଂ ବୁଝିବାକୁ ଚେଷ୍ଟା କର ଯେ କିପରି ଭିନ୍ନ ଭିନ୍ନ ଶବ୍ଦ ଏବଂ ସ୍ୱର ବିଭିନ୍ନ ଭାବନାକୁ ଜାଗ୍ରତ କରୁଛି ।

© NCERT not to be republished

## କାର୍ଯ୍ୟକଳାପ ୪ : ସଙ୍ଗୀତର ଚିତ୍ରାଙ୍କନ

ସଙ୍ଗୀତର ପ୍ରତ୍ୟେକ ଅଂଶ ଏକ କାହାଣୀ କହିଥାଏ, ଯାହା ବିଷୟରେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଆଲୋଚନା କରିଆସୁଛନ୍ତି । ଏବେ ଆସ ଏହାକୁ ଚେଷ୍ଟା କରିବା; ସଙ୍ଗୀତର ଏକ ଅଂଶକୁ ଶୁଣ ଏବଂ ଏହାକୁ ତୁମ ନିଜ କଳା ମାଧ୍ୟମରେ ପ୍ରତିନିଧିତ୍ୱ କର । ତୁମେ ରଙ୍ଗ ପେନ୍ସିଲ, ପେନ୍ କିମ୍ବା ରଙ୍ଗ ବ୍ୟବହାର କରି ଆଙ୍କି ପାରିବ ଏବଂ ରଙ୍ଗ କରିପାରିବ । ତୁମ ଚିତ୍ରକୁ ଏକ ଶୀର୍ଷକ ଦିଅ ।



© NCERT not to be republished




> **ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ**
>
> ଶ୍ରେଣୀକୁ କିଛି ଗ୍ରୁପ୍ ରେ ବିଭକ୍ତ କରାଯାଇପାରେ ଏବଂ ପ୍ରତ୍ୟେକ ଗ୍ରୁପ୍ କୁ ଯେକୌଣସି ପାଠ୍ୟକ୍ରମରୁ ଏକ ବିଷୟ ଦିଆଯାଇପାରେ । ଗ୍ରୁପ୍ କୁ ବିଭିନ୍ନ ତାଳ ଏବଂ ସ୍ୱର ମାଧ୍ୟମରେ ସେମାନଙ୍କର ଧାରଣାକୁ ସଙ୍ଗୀତ ଭାବରେ ପ୍ରକାଶ କରିବାକୁ ପଡିବ । ସେମାନେ ପରବର୍ତ୍ତୀ ପୃଷ୍ଠାର କାର୍ଯ୍ୟକଳାପ-୬ ଅଧୀନରେ ବର୍ଣ୍ଣନା କରାଯାଇଥିବା ପିଚ୍ (ସ୍ୱରର ସ୍ତର ଅର୍ଥାତ୍ ଉଚ୍ଚ କିମ୍ବା ନିଚ) ଏବଂ ଡାଇନାମିକ୍ସ (ସଙ୍ଗୀତର ଗତି) ପରିବର୍ତ୍ତନର ଧାରଣାକୁ ମଧ୍ୟ ବ୍ୟବହାର କରିପାରିବେ । ପ୍ରସ୍ତାବିତ ବର୍ଣ୍ଣନାକୁ ବ୍ୟବହାର କରନ୍ତୁ କିମ୍ବା ଶିକ୍ଷାର୍ଥୀମାନେ ସେମାନଙ୍କର ନିଜସ୍ୱ ଏକ ଦୃଶ୍ୟ ସୃଷ୍ଟି କରିପାରିବେ ।

## କାର୍ଯ୍ୟକଳାପ ୫ : ସଙ୍ଗୀତ ମାଧ୍ୟମରେ ନିଜର ଭାବନାକୁ ପ୍ରକାଶ କରିବା

ବିନା ଶବ୍ଦରେ କେବଳ ସଙ୍ଗୀତର୍ ଧ୍ୱନ୍ ମାଧ୍ୟମରେ କୌଣସି ଭାବନାକୁ ପ୍ରକାଶ କରିବା ପାଇଁ ତୁମେ ତୁମ ଶରୀରର ବିଭିନ୍ନ ଅଙ୍ଗକୁ ବ୍ୟବହାର କରିପାରିବ କି ?

ଯେତେବେଳେ ତୁମେ କ୍ରୋଧିତ ହୁଅ, ତୁମେ କ'ଣ କର ? ଯେତେବେଳେ ତୁମେ ଖୁସି ହୁଅ, କ'ଣ କର ? ଯେତେବେଳେ ତୁମେ ଦୁଃଖୀ ହୁଅ, ସେତେବେଳେ କ'ଣ କର ?


ଏହି ଭାବନାଗୁଡ଼ିକୁ ପ୍ରକାଶ କରିବା ପାଇଁ ତୁମେ ତୁମ ସ୍ୱର କିମ୍ବା ଶରୀରର ବିଭିନ୍ନ ପ୍ରତିକ୍ରିୟା (ତାଳି ମାରିବା, ଦମ୍ ଦମ୍ କରିବା, ଦାନ୍ତ କଡ଼କଡ଼ କରିବା, ଦୀର୍ଘ ନିଶ୍ୱାସ ମାରିବା) ବ୍ୟବହାର କରିପାରିବ ।

> **ଦୃଶ୍ୟ ୧**
>
> ଆମ ସ୍କୁଲର ଆଗାମୀ କ୍ଷେତ୍ର ଭ୍ରମଣ ପାଇଁ ମୁଁ ଉତ୍ସାହରେ ଛଟପଟ ହେଉଛି । ବାହାରେ ପକ୍ଷୀଙ୍କ ମଧୁର ଝଙ୍କାରରେ ପୂରିଉଠୁଥିବା ମୋ କୋଠରୀରେ ମୁଁ ପିନ୍ଧିବା ପାଇଁ ପୋଷାକ ଖଜେ । "ହଁ ! ଏହା ଉପଯୁକ୍ତ!" ବୋଲି ମନ ନ କହିବା ପର୍ଯ୍ୟନ୍ତ କିମ୍ବା ଯେ ପର୍ଯ୍ୟନ୍ତ ମୁଁ ଏକ ଉପଯୁକ୍ତ ପୋଷାକ ପାଇ ନାହିଁ ସେପର୍ଯ୍ୟନ୍ତ ମୁଁ ବିଭିନ୍ନ ପୋଷାକ ପିନ୍ଧି ନିଜକୁ ଆଇନାରେ ଦେଖିଥାଏ । ଏବେ ମୁଁ ଖୁସି ଏବଂ ଜଙ୍ଗଲକୁ ଅନୁସନ୍ଧାନ କରିବାକୁ ଯିବା ପାଇଁ ନିଜକୁ ପ୍ରସ୍ତୁତ ଅନୁଭବ କରୁଛି ।
>
> **ଦୃଶ୍ୟ ୨**
>
> ଦୀର୍ଘ ସମୟର ବସ୍ ଯାତ୍ରା ପରେ ଆମେ ଗନ୍ତବ୍ୟସ୍ଥଳରେ ପହଞ୍ଚିଲୁ। ସଫାରି ଜିପ୍ ରେ ଚଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏକ ମୃଦୁ ପବନ ପ୍ରବାହିତ ହେଲା, ଯାହା ଫଳରେ ପତ୍ରଗୁଡ଼ିକ ଝଙ୍କୃରିତ ହେବା ସହ ନାଚିବାକୁ ଲାଗିଲେ । ଗଛଗୁଡ଼ିକ ସୁନ୍ଦର ଭାବରେ ଝୁଲୁଲେ ।
>
> **ଦୃଶ୍ୟ ୩**
>
> ଯେତେବେଳେ ଆମେ ଜଙ୍ଗଲର ଯେତେ ଭିତରକୁ ଯାଇଥାଉ, ସେତେବେଳେ ଆମେ ଅସଂଖ୍ୟ ଜୀବ ଓ ଉଦ୍ଭିଦର ସମ୍ମୁଖୀନ ହୋଇଥାଉ। କୀଟପତଙ୍ଗଙ୍କ ଶବ୍ଦ, ପକ୍ଷୀଙ୍କ କିଚିରିମିଚିରି ଓ ଜୀବଜନ୍ତୁଙ୍କ ବିଭିନ୍ନ ଶୁଣି ଲାଗିଲା ଜଙ୍ଗଲରେ ମଧ୍ୟରେ ଜୀବନ ରହୁଛି ।

© NCERT not to be republished

### ତୁମେ ଜାଣକି

ପଶୁମାନଙ୍କ ମଧ୍ୟରେ ଆମ ଭଳି ଭାବନା ଥାଏ । ଅନେକ ପକ୍ଷୀ ଏବଂ ପଶୁ ପରସ୍ପର ସହିତ ଯୋଗାଯୋଗ କରିବା ପାଇଁ ବିଭିନ୍ନ ଶବ୍ଦ ବ୍ୟବହାର କରୁଥିବାର ତୁମେ ଲକ୍ଷ୍ୟ କରିଛ କି ? ପକ୍ଷୀମାନେ କଥାବାର୍ତ୍ତା କରିବା ପାଇଁ ଚିତ୍କାର କରନ୍ତି । ଭାରତର ଗଙ୍ଗା ନଦୀର ଡଲଫିନ୍ ଦୃଷ୍ଟିଶକ୍ତିହୀନ ଜାତୀୟ ଜଳଜ ପ୍ରାଣୀ, ମାତ୍ର ବାର୍ତ୍ତା ବାଣ୍ଟିବା ପାଇଁ ଚୁକ୍ଲି ଏବଂ ହ୍ୱିସିଲ୍ ର ଏକ ମିଶ୍ରଣ ସ୍ୱର ବ୍ୟବହାର କରେ । ପୁରୁଷ ହମ୍ପବ୍ୟାକ୍ ତିମିମାନେ ମଧ୍ୟ ସେମାନଙ୍କର ଲମ୍ବା ଏବଂ ଜଟିଳ ସ୍ୱର ପାଇଁ ପ୍ରସିଦ୍ଧ । ତୁମେ ପଶୁମାନେ ଶବ୍ଦ ମାଧ୍ୟମରେ ନିଜର ଭାବନାକୁ ପ୍ରଦର୍ଶନ କରୁଥିବାର କିଛି ଲକ୍ଷ୍ୟ କରିଛ କି ? ଯଦି ହଁ କିଛି ସ୍ମୃତି ବିନିମୟ କର ।



### ବିସ୍ତାରିତ କାର୍ଯ୍ୟକଳାପ

ଆଞ୍ଚଳିକ ଲୋକକାହାଣୀ ବା କିମ୍ବଦନ୍ତି, ଜାତକ କାହାଣୀ ଏବଂ ପଞ୍ଚତନ୍ତ୍ର. କାହାଣୀକୁ ବିଭିନ୍ନ ବର୍ଣ୍ଣନା କର । ଏହାକୁ ବାଦ୍ୟଯନ୍ତ୍ରର ଧୁନ୍ କିମ୍ବା ଗୀତ ସହିତ ଅନ୍ତର୍ଭୁକ୍ତ କର ଯାହା କାହାଣୀକୁ ଜୀବନ୍ତ କରିବାରେ ସାହାଯ୍ୟ କରିବ !

## କାର୍ଯ୍ୟକଳାପ ୬: ସଙ୍ଗୀତର ବିଭିନ୍ନ ଉପାଦାନକୁ ଜାଣିବା

### ପିଚ୍ ଏବଂ ଡାଇନାମିକ୍ସ

ତୁମେ କେବେ ଅନୁଭବ କରିଛ କି, ଯେତେବେଳେ ତୁମେ ଖୁସି, କ୍ରୋଧିତ କିମ୍ବା ଦୁଃଖୀ ହୁଅ ସେତେବେଳେ ତୁମେ କିପରି ଭିନ୍ନ ଭିନ୍ନ ପିଚ୍ ଏବଂ ଭଲ୍ୟୁମ୍ ବ୍ୟବହାର କର ? ଭାବନାକୁ ବାର୍ତ୍ତାଳାପ କରିବା ପାଇଁ ପିଚ୍ ଏବଂ ଡାଇନାମିକ୍ସ ବ୍ୟବହାର କରାଯାଏ । ପିଚ୍ ଆମକୁ କହିଥାଏ ଯେ ନୋଟ୍ କେତେ ଉଚ୍ଚ କିମ୍ବା ନିମ୍ନ ଏବଂ ଗତିଶୀଳତା ଆମକୁ କହିଥାଏ ଯେ ସଙ୍ଗୀତର ଏକ ଅଂଶ କେତେ ଦ୍ରୁତ କିମ୍ବା ଧିର ।

### ତାଳ

ତାଳ ସବୁଠି ଅଛି । ତୁମେ କେବେ ତୁମ ହୃଦୟର ସ୍ପନ୍ଦନ ଶୁଣିଛ କି ? ଧ୍ୟାନ ଦିଅ ତୁମ ଚାଲିବାର ତାଳ ତୁମ ଜେଜେବାପାଙ୍କ ଠାରୁ କିପରି ଭିନ୍ନ ? ସଙ୍ଗୀତରେ, ତାଳ ହେଉଛି ଏକ ରୂପ ଯେଉଁଥିରେ ଏକ ଗୀତ ସହିତ ସମାନତା ରକ୍ଷା କରି ଧୁନ୍ ବଜାଯାଇବା ।

### ସ୍ୱରା ଗୀତ

'ସ୍ୱରା ଗୀତ'ର ଭିଡିଓ ଦେଖ ଏବଂ ଗାଅ । ଏହି ଗୀତଟି ଶଙ୍କରାଭରଣ ରାଗ ସହ କିମ୍ବା ବିୱାଲ ରାଗ ସହ ଖାପ ଖାଉଛି । ଗୀତ ଗାଇବା ସମୟରେ ପିଚ୍ ର ଭିନ୍ନତା ପ୍ରତି ଧ୍ୟାନ ଦିଅ । ତାଳ ବଜାୟ ରଖିବା ପାଇଁ ହାତରେ ତାଳି ଦିଅ ।



ନାକ୍କରା



ଘୁମଟ୍

ଦୁଇଟି ବାଦ୍ୟଯନ୍ତ୍ରର ପିଚ୍ ଅଲଗା ଅଲଗା । ନାକ୍କରାର ଉଚ୍ଚ ସ୍ୱର ଥିବା ବେଳେ ଘୁମଟ୍ ର ଏକ ଗଭୀର ପ୍ରତିକ୍ରିୟା ଅଛି ।

© NCERT not to be republished

## ତୁମେ ଜାଣ କି

ସାତ ସ୍ୱର ମଧ୍ୟରୁ ମାତ୍ର ୫ଟିରେ ଭିନ୍ନତା ରହିଛି । ଯେହେତୁ, ସା ଏବଂ ପା ର ଭିନ୍ନତା ନାହିଁ, ତେଣୁ ଏହାକୁ କୁହାଯାଏ ଅଚଳ ସ୍ୱର। କହପାଯାଏ. ବାକି ସବୁ ସ୍ୱର। ଯଥା - ରେ, ଗା, ମା, ଧା, ନି କୁ ଚଳ ସ୍ୱର କୁହାଯାଏ, ଏମାନଙ୍କର ଦୁଇଟି ଲେଖାଏଁ ଭିନ୍ନତା ରହିଛି।

ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀରେ ସ୍ୱରର ଉଚ୍ଚାରଣ ।

| | ହିନ୍ଦୁସ୍ତାନୀ | କର୍ଣ୍ଣାଟକୀ |
|---|---|---|
| S | ସା | ସା |
| R | ରେ | ରେ |
| G | ଗା | ଗା |
| M | ମା | ମା |
| P | ପା | ପା |
| D | ଧା | ଧା |
| N | ନି | ନି |

ଆମେ ଇଂରାଜୀରେ ସ୍ୱରଗୁଡ଼ିକୁ S, R, G, M, P, D, N ଭାବରେ ଲେଖିବା ।

ଆସ କର୍ଣ୍ଣାଟକୀ ଏବଂ ହିନ୍ଦୁସ୍ତାନୀ ସଙ୍ଗୀତରେ ବୋଲାଯାଉଥିବା ସମସ୍ତ ସ୍ୱରଗୁଡ଼ିକୁ ଜାଣିବା । ଏଥିରେ ସମୁଦାୟ ୧୨ଟି ସ୍ୱର ରହିଛି।

| ହିନ୍ଦୁସ୍ତାନୀ ସଙ୍ଗୀତ | କର୍ଣ୍ଣାଟକୀ ସଙ୍ଗୀତ |
|---|---|
| ସା - ଷଡ଼ଜ | ସା— ଷଡ଼ଜ |
| ରେ - ଋଷଭ | ରେ - ଋଷଭମ୍ |
| କୋମଳ ଋଷଭ, ଶୁଦ୍ଧ ଋଷଭ | ଶୁଦ୍ଧ ଋଷଭମ୍, ଚତୁଶ୍ରୁତି ଋଷଭମ୍ |
| ଗା— ଗାନ୍ଧାର | ଗା— ଗାନ୍ଧାରମ୍ |
| କୋମଳ ଗାନ୍ଧାର, ଶୁଦ୍ଧ ଗାନ୍ଧାର। | ସାଧାରଣ ଗାନ୍ଧାରମ୍, ଅନ୍ତରା ଗାନ୍ଧାରମ୍ |
| ମା - ମଧ୍ୟମ | ମା - ମଧ୍ୟମାମ୍ |
| ଶୁଦ୍ଧ ମଧ୍ୟମ, ତୀବ୍ର ମଧ୍ୟମ | ଶୁଦ୍ଧ ମଧ୍ୟମାମ୍, ପ୍ରତି ମଧ୍ୟମାମ୍ |
| ପା - ପଞ୍ଚମ | ପା - ପଞ୍ଚମମ୍ |
| ଧା— ଧୈବତ | ଧା— ଧୌବତମ୍ |
| କୋମଳ ଧୈବତ, ଶୁଦ୍ଧ ଧୈବତ | ଶୁଦ୍ଧ ଧୌବତମ୍, ଚତୁଶ୍ରୁତି ଧୌବତମ୍ |
| ନି - ନିଶାଦ | ନି - ନିଶାଦମ୍ |
| କୋମଳ ନିଶାଦ, ଶୁଦ୍ଧ ନିଶାଦ | କୈସିକି ନିଷାଦମ୍, କାକଳି ନିଶାଦମ୍ |

ଚଳଚ୍ଚିତ୍ର ସଙ୍ଗୀତ, ଭଜନ, ଆଞ୍ଚଳିକ ସଙ୍ଗୀତ, ଲୋକସଙ୍ଗୀତ, ମଧୁର ବାଦ୍ୟ ସଙ୍ଗୀତ ଆଦି ସମସ୍ତ ସଙ୍ଗୀତ ସା, ରେ, ଗା, ମା, ପା, ଧା, ନି ଏହି ସାତଟି ସ୍ୱର ମାଧ୍ୟମରେ ସୃଷ୍ଟି କରାଯାଇଛି । ଏହି ସ୍ୱର ଆଧାରରେ ସମସ୍ତ ସଙ୍ଗୀତ ରଚନା କରାଯାଇଛି ।

ଭାରତୀୟ ସଙ୍ଗୀତରେ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ଭଳି ଶାସ୍ତ୍ରୀୟ ସଙ୍ଗୀତ ସହିତ ଲୋକ, ଅର୍ଦ୍ଧ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତି ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଚଳଚ୍ଚିତ୍ର ସଙ୍ଗୀତ ଭଳି ମଧ୍ୟ ଅନେକ ଶୈଳୀ ରହିଛି ।

© NCERT not to be republished

### ତୁମେ ଜାଣ କି

ଶ୍ରୀମତୀ ଏମ୍ ଏସ୍ ଶୁଭଲକ୍ଷ୍ମୀ ସର୍ବକାଳୀନ ପ୍ରସିଦ୍ଧ ଏବଂ ପ୍ରେରଣାଦାୟୀ କର୍ଣ୍ଣାଟକ କଣ୍ଠଶିଳ୍ପୀମାନଙ୍କ ମଧ୍ୟରୁ ଅନ୍ୟତମ। ସେ ହେଉଛନ୍ତି ପ୍ରଥମ ସଙ୍ଗୀତଜ୍ଞ ଯିଏ କି ଭାରତ ସରକାରଙ୍କ ଠାରୁ ଭାରତ ରତ୍ନ ପାଇଥିଲେ । କର୍ଣ୍ଣାଟକ ସଙ୍ଗୀତ ବ୍ୟତୀତ ସେ ଅନେକ ଭଜନ ଏବଂ ସଂସ୍କୃତ ଶ୍ଳୋକ ମଧ୍ୟ ଗାଇଥିଲେ । ସେଥି ମଧ୍ୟରୁ 'ହରି ତୁମ ହରୋ' ଓ 'ବୈଷ୍ଣବ ଜନତୋ' ଗାନ୍ଧିଜୀଙ୍କ ପ୍ରିୟ ଭଜନ ଥିଲା । ସେ ତାଙ୍କର ମୌଳିକତା, ସରଳତା ଏବଂ ସଙ୍ଗୀତର ଶୁଦ୍ଧତା ପାଇଁ ଅତ୍ୟନ୍ତ ଲୋକପ୍ରିୟ। ଭକ୍ତିରେ ପରିପୂର୍ଣ୍ଣ ନିଜ ଯାଦୁକରୀ କଣ୍ଠରେ ସେ ଗୀତ ଗାଉଥିଲେ।



## କାର୍ଯ୍ୟକଳାପ ୭: ସ୍ୱରାଭ୍ୟାସ

### ସ୍ୱରାଭ୍ୟାସ

ନିମ୍ନରେ ଥିବା ସ୍ୱର ଢାଞ୍ଚାଗୁଡ଼ିକୁ ଆଲାଙ୍କାର କିମ୍ବା ସର୍ଗମ କୁହାଯାଏ ।

ଆଲାଙ୍କାର ଅର୍ଥାତ୍ ଗହଣା ବା ସାଜସଜ୍ଜା । ଯେମିତି ସୁନା ଓ ମୂଲ୍ୟବାନ ପଥରରୁ ବିଭିନ୍ନ ଅଳଙ୍କାର ପ୍ରସ୍ତୁତ କରାଯାଏ, ସେହିଭଳି ସଙ୍ଗୀତରେ ଥିବା ସାତଟି ସ୍ୱରକୁ ଏକ ସୁନ୍ଦର ଓ ସୌନ୍ଦର୍ଯ୍ୟମୟ ଧୂନ୍ ଏବଂ ସଙ୍ଗୀତ ତିଆରି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସମସ୍ତ ସଙ୍ଗୀତ କାନକୁ ଆନନ୍ଦଦାୟକ ଅର୍ଥାତ୍, ଶ୍ରୁତି ମଧୁର ହେବା ଆବଶ୍ୟକ ।

୧. ସାରେ ରେଗା ଗାମା ମାପା ପାଧା ଧାନି ନିସା
ସାନି ନିଧା ଧାପା ପାମା ମାଗା ଗାରେ ରେସା

୨ ସାରେଗା ରେଗାମା ଗାମାପା ମାପାଧା ପାଧାନି ଧାନିସା
ସାନିଧା ନିଧାପା ଧାପାମା ପାମାଗା ମାଗାରେ ଗାରେସା

୩ ସାରେଗାମା ରେଗାମାପା ଗାମାପାଧା ମାପାଧାନି ପାଧାନିସା
ସାନିଧାପା ନିଧାପାମା ଧାପାମାଗା ପାମାଗାରେ ମାଗାରେସା

୪ ସାରେ
ସାରେଗା
ସାରେଗାମା
ସାରେଗାମାପା
ସାରେଗାମାପାଧା
ସାରେଗାମାପାଧାନି
ସାରେଗାମାପାଧାନିସା

ସାନି
ସାନିଧା
ସାନିଧାପା
ସାନିଧାପାମା
ସାନିଧାପାମାଗା
ସାନିଧାପାମାଗାରେ
ସାନିଧାପାମାଗାରେସା

୫. ସାଗା ରେମା ଗାପା ମାଧା ପାନି ଧାସା
ସାଧା ନିପା ଧାମା ପାଗା ମାରେ ଗାସା

୬ ସାମା ରେପା ଗାଧା ମାନି ପାସା
ସାପା ନିମା ଧାଗା ପାରେ ମାସା

© NCERT not to be republished

## ତୁମେ ଜାଣ କି

ଭାରତ ରତ୍ନ ପୁରସ୍କାର ପ୍ରାପ୍ତ ଲତା ମଙ୍ଗେସକର୍ ଭାରତୀୟ ସିନେମା ଜଗତର ଅନ୍ୟତମ ଶ୍ରେଷ୍ଠ ଗାୟିକା ଥିଲେ । ସେ ୩୬ରୁ ଅଧିକ ଭାରତୀୟ ଭାଷାରେ ଏବଂ କେତେକ ବିଦେଶୀ ଭାଷାରେ ଗୀତ ଗାଇଛନ୍ତି । ତା'ର ମଧୁର ସ୍ୱର ତିନୋଟି ଅଷ୍ଟକରୁ ଅଧିକ ବ୍ୟାପିଥିଲା । ସେ ଦେଶାତ୍ମବୋଧକ ଗୀତ 'ଏ ମେରେ ୱତନ୍ କେ ଲୋଗୋଁ' ଗାଇ ୧୯୬୨ ଯୁଦ୍ଧରେ ପ୍ରାଣ ହରାଇଥିବା ଭାରତୀୟ ସୈନିକମାନଙ୍କୁ ଉତ୍ସର୍ଗ କରିଥିଲେ ।



## କାର୍ଯ୍ୟକଳାପ ୮: ଧୁନ୍

ଧୁନ୍ ଏକ ମିଶ୍ରଣ ରୂପ । ଅର୍ଥାତ୍ ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ରର ମିଳିତ ସ୍ୱର ହେଉଛି ଧୁନ୍ । ଆସ କିଛି ଉତ୍ସାହ ଭରା କାର୍ଯ୍ୟ କରିବା ।

1. ପ୍ରତ୍ୟେକ ଗୀତ କେଉଁ ମନୋଭାବକୁ ପ୍ରକାଶ କରିବାକୁ ଚେଷ୍ଟା କରେ ତାହା ଚିହ୍ନଟ କର । ଯଦି ତୁମକୁ ଭାଷା ଜଣା ନାହିଁ, ତେବେ ବି ସଙ୍ଗୀତର ଅନ୍ୟ ଉପାଦାନଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଭାବନାକୁ ପ୍ରକାଶ କରିବାରେ ସାହାଯ୍ୟ କରେ କି ?
2. ପ୍ରତ୍ୟେକ ଅଂଶରେ ଥିବା ଲୟ କ'ଣ ପ୍ରକାଶ କରେ?
3. ପ୍ରତ୍ୟେକ ଗୀତରେ ଥିବା ଉପାଦାନକୁ ଚିହ୍ନଟ କର



ଢୋଲକି, ପୁଙ୍ଗି, ଚିମଟା, ଗିଟାର ଇତ୍ୟାଦି ସହିତ ଏକ ଗୀତ ଗାନ କରାଯାଇପାରିବ ।

## ଆସ ଏକ ଧୁନ୍ ଗାଇବା ଶିଖିବା

କିଛି ଧୁନ୍ କିମ୍ବା ଗୀତ ଶିଖ । ଶ୍ରେଣୀକୁ ଗୋଷ୍ଠୀରେ ବିଭକ୍ତ କରାଯାଇପାରେ ଯେଉଁଥିରେ ପ୍ରତ୍ୟେକ ଗୋଷ୍ଠୀ ଧୁନ୍ ର ଏକ ଅଂଶ ଉପସ୍ଥାପନ କରିପାରିବେ । ଏହି ଧୁନ୍ ହେଉଛି ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନେକ ଉତ୍ସବର ଗୀତ । ଏହି ଆନନ୍ଦଦାୟକ ଗୀତ ଗାଇବା ସମୟରେ ହାତ, ପାଦ, ଅଣ୍ଟା ଆଦି ହଲାଇ, ଶରୀରକୁ ଝୁଲାଇ ଏବଂ ତାଳି ମାରି ତାଳ ବଜାୟ ରଖ !



କାରାଓକେ ସହିତ ଯେକୌଣସି ଧୁନ୍ ଗାଇବା ଶିଖିବା

© NCERT not to be republished

## କାର୍ଯ୍ୟକଳାପ ୯: ଆସ ଗତି, ଧୁନ୍ ଏବଂ ତାଳରେ ଖେଳିବା

ଏହି ଖେଳଗୁଡିକ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ । ସ୍ଥାନୀୟ ସଙ୍ଗୀତ ସଂସ୍କୃତିକୁ ପ୍ରତିଫଳିତ କରୁଥିବା ସେମାନଙ୍କର ନିଜସ୍ୱ ଖେଳ ଚିନ୍ତା କରିବା ଏବଂ ପ୍ରସ୍ତୁତ କରିବା ପାଇଁ ଶିକ୍ଷକମାନଙ୍କୁ ଉତ୍ସାହିତ କରାଯାଉଛି ।

**କାର୍ଯ୍ୟକଳାପ ୧:** ସ୍ୱର ଚିହ୍ନଟ କରିବା (ସ୍ୱର, ଗଠନ, ଶୈଳୀ)।

ଜଣେ ଛାତ୍ରଙ୍କ ଆଖିକୁ ବନ୍ଦ କରାଯିବ ଏବଂ ଅନ୍ୟ ଛାତ୍ର ଯିଏକି ଶ୍ରେଣୀରେ ଜଣାଶୁଣା କିମ୍ବା ଶିକ୍ଷା ଦିଆଯାଉଥିବା ଗୀତଟିକୁ ଗାଇପାରିବେ ସେ ଆଗକୁ ଆସି ଗୀତଟିକୁ ଗାଇବେ । ଏବେ ଆଖି ବନ୍ଦ କରିଥିବା ଛାତ୍ର ଜଣକ ଗାଇଥିବା ଛାତ୍ରଙ୍କୁ ଚିହ୍ନିବେ ।



### ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ

- ପ୍ରତ୍ୟେକ ଛାତ୍ରଙ୍କ ସ୍ୱର, ଗଠନ ଏବଂ କଥା କହିବା ଓ ଗାଇବାଶୈଳୀରେ ପାର୍ଥକ୍ୟ ଥାଏ । ଏହି କାର୍ଯ୍ୟକଳାପ କରିବା ଦ୍ୱାରା ଶ୍ରେଣୀ ସେମାନଙ୍କ ସାଥୀମାନଙ୍କ ସ୍ୱର ଗଠନ, ଶୈଳୀ ଏବଂ ଗତିଶୀଳତାକୁ ବୁଝିବାକୁ ଓ ଚିହ୍ନଟ କରିବାରେ ସକ୍ଷମ ହେବ ।
- ପରିବାର କିମ୍ବା ସମାଜର କୌଣସି ବ୍ୟକ୍ତିଙ୍କ ସ୍ୱରରେ ଥିବା ବିଭିନ୍ନ ସ୍ୱର ରଚନା ଏବଂ ଗତିଶୀଳତାକୁ ମଧ୍ୟ ଛାତ୍ରମାନେ ଚିହ୍ନଟ କରନ୍ତୁ । ଏହା ଦ୍ୱାରା ବିଭିନ୍ନ ଶବ୍ଦ ଏବଂ ଏହାର ଉତ୍ସ ଚିହ୍ନଟ କରିବା ଦିଗରେ ସମ୍ବେଦନଶୀଳତା ବିକଶିତ ହେବ ।
- ଯେକୌଣସି ଗୀତକୁ ବିଭିନ୍ନ ବାଦ୍ୟଯନ୍ତ୍ରରେ ବଜାନ୍ତୁ ଏବଂ ଏହାର ଶବ୍ଦ ଏବଂ ଗଠନ ଆଧାରରେ ବାଦ୍ୟଯନ୍ତ୍ରକୁ ଚିହ୍ନିବାକୁ କୁହନ୍ତୁ ।

**କାର୍ଯ୍ୟକଳାପ ୨:** ଧୁନ୍ ରେ ଆଧାରିତ ଗୀତକୁ ଚିହ୍ନିବା ।

ଶ୍ରେଣୀରେ ଜଣାଶୁଣା କିମ୍ବା ଶିଖାଯାଇଥିବା ଗୀତ ଗାଇବା ପାଇଁ କୌଣସି ଛାତ୍ରଙ୍କୁ ଚୟନ କରନ୍ତୁ ।ଧୁନ୍ ଶୁଣି ଶ୍ରେଣୀର ଅନ୍ୟ ପିଲାମାନେ ଗୀତକୁ ଚିହ୍ନିବେ ।

© NCERT not to be republished



**ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ**
ଏଭଳି କାର୍ଯ୍ୟକଳାପ ଖେଳ ମାଧ୍ୟମରେ ଉପସ୍ଥାପନ କରିବା ସମୟରେ ଆଗ୍ରହ ଏବଂ ଆତ୍ମବିଶ୍ୱାସକୁ ସକ୍ରିୟ କରିଥାଏ ।

**କାର୍ଯ୍ୟକଳାପ ୩:** ତାଳର ଖେଳ:

୩, ୪, ୫, ୭, ୯ ସଂଖ୍ୟା ବିଶିଷ୍ଟ ଛାତ୍ରଛାତ୍ରୀଙ୍କୁ ନେଇ ଦଳ ଗଠନ କରି ନିମ୍ନମତେ ନିଜ ନାମ ଉଚ୍ଚାରଣ କରିବେ ।

ତିନି ଜଣ ଛାତ୍ରଙ୍କୁ ନେଇ ଗଠିତ ଦଳର ଅଂଶୀଦାରଙ୍କ ନାମ ହେବ ତା, କି, ତା ଏବଂ ଦଳର ନାମ ରହିବ 'ତିଶ୍ର'.

ଚାରି ଜଣିଆ ଦଳର ଅଂଶୀଦାରଙ୍କ ନାମ ଧା, ଗେ, ନା, ତି ଦିଆଯିବ ଏବଂ ଦଳ ନାମ ରହିବ 'ଚତୁରାଶ୍ର'.

ପାଞ୍ଚ ଜଣିଆ ଛାତ୍ରଛାତ୍ରୀଙ୍କ ଦଳର ଅଂଶୀଦାରଙ୍କ ନାମ ହେବ ତା, କ, ତା, କି, ତା ଏବଂ ଦଳ ର ନାମ ହେବ 'ଖଣ୍ଡ'.

ସାତ ଜଣିଆ ଛାତ୍ରଛାତ୍ରୀଙ୍କ ଦଳର ଅଂଶୀଦାରଙ୍କ ନାମ ହେବେ ତି, ତି, ନା, ଧି, ନା, ଧି, ନା, ଓ ଦଳ ନାମ ହେବ 'ମିଶ୍ର' ।

ନଅ ଜଣିଆ ଛାତ୍ରଛାତ୍ରୀଙ୍କ ଦଳର ଅଂଶୀଦାରଙ୍କ ନାମ ହେବ ତା, କ, ଦି, ମି, ତା, କ, ତା, କି, ତା ଓ ଦଳ ନାମ ହେବ 'ସଙ୍କିର୍ଣ୍ଣ' ।



**ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ**

- ଏହି ଖେଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତାଳ (ବେଗ, ଚକ୍ର, ଢାଞ୍ଚା) ଭାବନାକୁ ବଢ଼ାଇବା ପାଇଁ ଉଦ୍ଦିଷ୍ଟ ।
- ଶିକ୍ଷକମାନେ ସେମାନଙ୍କର ନିଜସ୍ୱ ଢାଞ୍ଚା ଏବଂ ଦଳର ପ୍ରସ୍ତୁତି କରିପାରିବେ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେକୌଣସି ତାଳର ଖେଳ ଖେଳିପାରିବେ ।

ନିଜର ଏକ ଖେଳ ତିଆରି କର ଯେଉଁଥିରେ ସ୍ୱର ଏବଂ ତାଳ, ସ୍ୱରାଭ୍ୟାସ, ଧୁନ୍ ଏବଂ କୌଣସି ରଚନା ଥିବ ।



© NCERT not to be republished